## ‘ମୁକ୍ତ ପାଠ୍ୟପୁସ୍ତକ ପାଇଁ ବୈଷୟିକ ବିଦ୍ୟା’ କର୍ମଶାଳା ଉଦ୍‌ଘାଟିତ

# ଇଣ୍ଟରନେଟ୍ ଉପରେ ନିର୍ଭର କରିବ ଆଗାମୀ ପିଢ଼ି



କର୍ମଶାଳାକୁ ଅତିଥିମାନେ ପ୍ରଦୀପ ଜାଳି ଉଦ୍‌ଘାଟନ କରୁଛନ୍ତି।

ଭୁବନେଶ୍ୱର,(ବ୍ୟୁରୋ)– ଇଣ୍ଟରନେଟ୍ ସହ ମଣିଷ ଅଙ୍ଗାଙ୍ଗୀଭାବେ ଜଡିତ ହୋଇଛି। ଯେକୌଣସି କାର୍ଯ୍ୟ ପାଇଁ ଏବେ ଇଣ୍ଟରନେଟ୍ ହିଁ ପ୍ରମୁଖ ମାଧ୍ୟମ ପାଲଟିଥିବା ବେଳେ ଆମର ଆଗାମୀ ପିଢି ସମ୍ପୂର୍ଣ୍ଣ ଭାବେ ଇଣ୍ଟରନେଟ୍ ଉପରେ ନିର୍ଭରଶୀଳ ହେବ। ସେଇଠୁ ହିଁ ଖବର ନେବ। ବହି ପଢ଼ିବ। ତେଣୁ ବୈଷୟିକ ବିଦ୍ୟା ବ୍ୟବହାର କରି ଓପନ୍(ମୁକ୍ତ) ପାଠ୍ୟ ପୁସ୍ତକ ପ୍ରକାଶ କରିବା ଏବେକାର ସମୟରେ ବଡ଼ ଆବଶ୍ୟକତା ବୋଲି ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ପ୍ରଦୀପ କୁମାର ପାଣିଗ୍ରାହୀ କହିଛନ୍ତି। ରବିବାର ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ‘ଟେକ୍ନୋଲୋଜିଜ୍ ଫର୍ ଓପନ୍ ଟେକ୍ସଟ୍ ବୁକ୍ସ’ ବା ‘ମୁକ୍ତ ପାଠ୍ୟପୁସ୍ତକ ପାଇଁ ବୈଷୟିକ ବିଦ୍ୟା’ ସମ୍ପର୍କିତ ୩ଦିନିଆ ଜାତୀୟ କର୍ମଶାଳାକୁ ଉଦ୍‌ଘାଟନ କରି ଡ. ପାଣିଗ୍ରାହୀ ଏହା କହିଥିଲେ। ଦେଶର ସମସ୍ତ ମୁକ୍ତ ବିଶ୍ୱବିଦ୍ୟାଳୟକୁ ନେଇ ଆୟୋଜିତ ଏହି କର୍ମଶାଳାରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଶ୍ରୀକାନ୍ତ ମହାପାତ୍ର କହିଥିଲେ, ପାଠ୍ୟ ପୁସ୍ତକ ପ୍ରତିଟି ଛାତ୍ର ପାଖରେ ପହଞ୍ଚିବା ଦରକାର। ବୈଷୟିକ ବିଜ୍ଞାନ ବ୍ୟବହାର କରି ଏହାକୁ ସର୍ବାଧିକ କମ୍ ମୂଲ୍ୟରେ ଛାତ୍ରୀଛାତ୍ରଙ୍କ ନିକଟରେ ପହଞ୍ଚାଇ ପାରିଲେ ହିଁ ବଡ଼ ସଫଳତା ମିଳିବ ବୋଲି ସେ କହିଥିଲେ।

ଏହି ଅବସରରେ ଦେଶର ସମସ୍ତ ୧୫ଟି ମୁକ୍ତ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଏବଂ ବୈଷୟିକ କର୍ମଚାରୀମାନେ ଯୋଗ ଦେଇଥିଲେ। କାନାଡ଼ାର କମନୱେଲ୍‌ଥ ଅଫ୍ ଲର୍ନିଂ ସହାୟତାରେ ଆୟୋଜିତ ଏହି କର୍ମଶାଳାରେ ଓପନ୍ ଏଜୁକେଶନ୍ ରିସୋର୍ସ ଏବଂ ଦୂର ନିରନ୍ତର ଶିକ୍ଷା ସମ୍ପର୍କିତ ବିଷୟ ଉପରେ ମଧ୍ୟ ଆଲୋଚନା କରଯାଇଥିଲା। ରାଜ୍ୟରେ ନୂଆ କରି ଖୋଲିଥିବା ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଓଡ଼ିଶାର ପ୍ରଥମ ମୁକ୍ତ ବିଶ୍ୱବିଦ୍ୟାଳୟ। ପ୍ରଥମ ବର୍ଷରେ ଏହା ୬ଟି ବିଷୟରେ ପାଠ୍ୟକ୍ରମ ଆରମ୍ଭ କରିଛି।